ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୨ ସେପ୍ଟେମ୍ବର, ୨୦୨୧

## ସଂକ୍ଷେପରେ

### ଯୋଗ୍ୟ ହିତାଧିକାରୀ ପାଉନାହାନ୍ତି ଭତ୍ତା

**ଦଶମନ୍ତପୁର,୧।୯(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ପୁଞ୍ଜିସିଲ ଗ୍ରାମର ଯୋଗ୍ୟ ହିତାଧିକାରୀମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଆବଶ୍ୟକ କାଗଜପତ୍ର ସଂଲଗ୍ନକରି ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଭତ୍ତା ପାଇଁ ଆବେଦନ କରି ଆସୁଥିଲେ ମଧ ଏଯାଏ ସେମାନଙ୍କୁ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମର କେଶରୀ ବଡ଼ନାୟକ, ତୁଳସା ବଡ଼ନାୟକ, ରାମ ବଡ଼ନାୟକ, ଜିଲକ ବଡ଼ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଭତ୍ତା ପାଇଁ ପ୍ରତିବର୍ଷ ଅନୁସାରେ ପଲ୍ଲିସଭା ଓ ଗ୍ରାମ ସଭାରେ ସେମାନଙ୍କ ନାମ ପଞ୍ଜୀକରଣ କରାଯାଉଛି। ମାତ୍ର ସେମାନଙ୍କୁ ଭତ୍ତା ମିଳୁନି। ଏ ସମ୍ପର୍କରେ ବିଏସ୍‌ଏସ୍‌ଓ ଦାୟିତ୍ୱରେ ଥିବା ଗୌତମ ଚରଣ ଗୁମଲଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସମ୍ପୃକ୍ତ ହିତାଧିକାରୀମାନଙ୍କ ଭତ୍ତା ମଞ୍ଜୁର କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

### ଭାଜପାର ମଣ୍ଡଳସ୍ତରୀୟ ବୈଠକ

**କାଲିମେଲା, ୧।୯(ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଭାଜପା ପକ୍ଷରୁ ଗମ୍ପାକୋଣ୍ଡା ମଣ୍ଡଳରେ କାର୍ଯ୍ୟକାରିଣୀ ବୈଠକ ବୁଧବାର କାଙ୍ଗୁରୁକୋଣ୍ଡା ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାଙ୍ଗୁରୁକୋଣ୍ଡା ସରପଞ୍ଚ ତଥା ଗମ୍ପାକୋଣ୍ଡା ମଣ୍ଡଳ ସଭାପତି ଗଙ୍ଗାଧର ସୋଡ଼ି ଅଧକ୍ଷତା କରିଥିଲେ। ଜିଲା ଉପସଭାପତି ଉତ୍ତମ ରାୟ, ଜୋନ- ୩ ସଭ୍ୟା ପ୍ରମିଳା ଦାସ, ଜିଲା ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ, ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ କାଲିମେଲା ମଣ୍ଡଳର ପୂର୍ବତନ ସଭାପତି ରତ୍ନାକର ପାଣିଗ୍ରାହୀ, କାଲିମେଲା ମଣ୍ଡଳ ସମ୍ପାଦକ ବିଶିକେଶନ ଦାସ, ନାଏବ ସରପଞ୍ଚ ବ୍ରଜେନ୍ଦ୍ର ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା ହୋଇଥିଲା। ୯ଟି ପଞ୍ଚାୟତର କର୍ମୀଙ୍କୁ ସଙ୍ଗଠନ ସ୍ଥିତି ସୁଧାରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ କୁହାଯାଇଥିଲା।

### ଦୁର୍ଘଟଣାରେ ଯୁବକ ମୃତ

**ଝରିଗାଁ, ୧।୯(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବାଣୁଆଗୁଡା ଛକରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଲସଗାଁର ଟ୍ରକ୍ ଡ୍ରାଇଭର ଗୋବିନ୍ଦ ପୁଜାରୀ(୨୫)। ବୁଧବାର ନବରଙ୍ଗପୁରଠାରେ ଆୟୋଜିତ ଓଡିଶା ଡ୍ରାଇଭର ମହାସଂଘ ବୈଠକରୁ ଡାବିରିଗୁଡାର କମଲୁ ମାଝିଙ୍କ ସହ ବାଇକ୍‌ରେ ଫେରୁଥିଲେ। କମଲୁଙ୍କୁ ତାଙ୍କ ଘରେ ଛାଡି ନିଜ ଗାଁ ପଲସାଁ ଅଭିମୁଖେ ଯାଉଥିବାବେଳେ ବାଣୁଆଗୁଡା ଛକରେ ଏକ ଗଛରେ ତାଙ୍କ ଗାଡି ପିଟି ହୋଇଯାଇଥିଲା। ରକ୍ତାକ୍ତ ହୋଇ ସେ ରାସ୍ତାରେ ପଡିଥିଲେ। ପରିବାର ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଦକ୍ଷିଣ ଓଡ଼ିଶାରେ ପ୍ରାର୍ଥୀ ଦେବ ଜେନସେନା, ଭାଜପା ମେଣ୍ଟ

**ଗୁଣପୁର,୧।୯(ଡି.ଏନ୍.ଏ.):** ଆନ୍ଧ୍ର ପ୍ରଦେଶ ସିନେ ସୁପରଷ୍ଟାର ପବନ କଲ୍ୟାଣ ଦ୍ୱାରା ଗଠିତ ଜନସେନା ଦଳର ବୈଠକ ରାୟଗଡା ଜିଲା ଗୁଣପୁରରେ ଅନୁଷ୍ଠିତ ହୋଇଛି। ଦଳ କିପରି ଦକ୍ଷିଣ ଓଡିଶାରେ ନିଜର ପ୍ରଭାବ ବିସ୍ତାର କରିବ ସେ ନେଇ ଆଲୋଚନା ହୋଇଥିଲା। ରାୟଗଡା ଜିଲା ତରଫରୁ ଯୁବ ନେତା ନାଇଡୁ ଭି.ଶ୍ରିରାମମୂର୍ତ୍ତିଙ୍କ ଉଦ୍ୟମ କ୍ରମେ ଗୁଣପୁରରେ ଏହି ବୈଠକ କରାଯାଇଛି। ଆନ୍ଧ୍ର ପ୍ରଦେଶ ଓସମାନିଆ ବିଶ୍ୱ ବିଦ୍ୟାଳୟର ଛାତ୍ର ସଂସଦର ସଭାପତି ସମ୍ପଦ କୁମାର ଏବଂ ଜନସେନାର ବରିଷ୍ଠ ନେତା ବି.ସତିଶ କୁମାର ଉକ୍ତ ବୈଠକରେ ଯୋଗ ଦେଇଥିଲେ। ୨୦୨୪ ନିର୍ବାଚନରେ ଆନ୍ଧ୍ର ପ୍ରଦେଶରେ ଭାଜପା ସହ ମେଣ୍ଟ କରି ଦଳ ନିର୍ବାଚନ ଲଢିବ ବୋଲି ନେତାମାନେ କହିଥିଲେ। ସେହିପରି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ମଧ ଜନସେନା ଏବଂ ଭାଜପା ମେଣ୍ଟ ଦକ୍ଷିଣ ଓଡିଶାରେ ପ୍ରାର୍ଥୀ ଦେବାର ପ୍ରାକ୍ ସୂଚନା ଦିଆଯାଇଛି। ପବନ କଲ୍ୟାଣଙ୍କ ଜନ୍ମ ଦିନରେ କରାବାଙ୍କ ସ୍ଥିତ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମନ୍ଦିରରେ ଦୀପ ଦାନ କାର୍ଯ୍ୟକ୍ରମ କରାଯାଇଛି।
ଏହି କାର୍ଯ୍ୟକ୍ରମରେ ଭାଜପା ନେତା ପ୍ରେମ ପ୍ରସାଦ ପଣ୍ଡାଙ୍କ ସମେତ ଖବରଦାତା ପ୍ରମୋଦ ସାହୁ, କିନ୍ନର ସଂଘ ସମ୍ପାଦିକା ପିଙ୍କି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଆନ୍ଦୋଳନ ପରେ ମିଳିଲା ସାର

**କୋଟପାଡ଼,୧।୯(ଡି.ଏନ୍.ଏ)**

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳ ଚାଷୀ ସାର ପାଇଁ ଆନ୍ଦୋଳନ କରିବାର ଦିନକ ପରେ ସେମାନଙ୍କୁ ସାର ମିଳିଛି। ସୋମବାର ଚାଷୀ ୬୩ ନଂ. ଜାତୀୟ ରାଜପଥର ୨ଟି ସ୍ଥାନରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ସମବାୟ ବିଭାଗ ପକ୍ଷରୁ ସେମାନଙ୍କୁ ବହୁ ବୁଝାଶୁଝା କରି ବୁଧବାର ସାର ଦେବାକୁ ଟୋକନ ଦେବା ପରେ ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ସାର ନେବା ପାଇଁ ସକାଳ ୯ଟାରୁ ଶତାଧିକ ଚାଷୀ ଲ୍ୟାମ୍ପ କାର୍ଯ୍ୟାଳୟର ପରିସରରେ ଭିଡ଼ ଜମାଇଥିଲେ। ସରକାରୀ ଧାର୍ଯ୍ୟ ଦର ମୁତାବକ ବସ୍ତା ପିଛା ୨୭୦ ଟଙ୍କାରେ ୧୩୦୦ ଚାଷୀଙ୍କୁ ଟୋକନ ଜରିଆରେ ୟୁରିଆ ସାର ନେଇଛନ୍ତି। ପୁଣି ଗୁରୁବାର ୧୩୦୦ଚାଷୀଙ୍କୁ ସାର ପ୍ରଦାନ କରାଯିବ ବୋଲି ଲ୍ୟାମ୍ପ ଅଧିକାରୀ ରାଜେନ୍ଦ୍ର ନାୟକ କହିଛନ୍ତି। ଏହି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା। ସୂଚନାଯୋଗ୍ୟ, ଲାଇସେନ୍ସପ୍ରାପ୍ତ କେତେକ ଡିଲର ଗ୍ରାମାଞ୍ଚଳର କେତେଜଣ ବ୍ୟକ୍ତିଙ୍କୁ ରଖି ସାର କଳାବଜାର କରୁଛନ୍ତି। ସେମାନେ ବସ୍ତା ପିଛା ୫୦୦ରୁ ୯୦୦ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।



ସାର ନେବାକୁ ଲ୍ୟାମ୍ପ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଭିଡ଼।

# ୨ ଜଣଙ୍କୁ ୧୦ ବର୍ଷ କାରାଦଣ୍ଡ

## ଗଞ୍ଜେଇ ଚୋରାଚାଲାଣ ମାମଲା

**ମାଲକାନଗିରି,୧।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ଦୌରା ଜଜ୍ ଏସ୍.ରେଖା ପ୍ରସାଦ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାରକରି ୨ ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି । ଏହା ଅନାଦାୟ କ୍ଷେତ୍ରରେ ଅଭିଯୁକ୍ତମାନେ ଆଉ ଏକ ବର୍ଷ ଲେଖାଏ ଅଧିକ ଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ୨୦୧୯ ଜୁଲାଇ ୨୨ରେ ମାଥିଲି ଥାନା ତତ୍କାଳୀନ ଏସ୍‌ଆଇ ଗୋବିନ୍ଦପାଲି ବନ ବିଭାଗର ଚେକ୍ ଗେଟ୍‌ରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏକ ଗାଡ଼ି ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏଥିରେ ସମ୍ପୃକ୍ତ ତାମିଲନାଡୁର ସି.ମାଲାଇଚାମି ଓ ଡି.ସାଲଭମଙ୍କୁ ଗିରଫ କରି ଗଞ୍ଜେଇ ଜବତ କରିଥିଲେ। ଏହାକୁ ଓଜନ କରିବାରୁ ୧୦୮ କିଲୋ ଗଞ୍ଜେଇ ମିଳିଥିଲା। ତତ୍କାଳୀନ ଏସ୍‌ଆଇ ନରେନ୍ଦ୍ର ପ୍ରସାଦ ଭତ୍ରା ମାମଲାର ତଦନ୍ତକରି କେସ୍ ନଂ. ୧୧୪/୧୯ରେ ମାମଲା ରୁଜୁ କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲା ମାଲକାନଗିରି ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ଏହାର ଶୁଣାଣି କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବିଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଦାବି ପୂରଣ ନ ହେଲେ ଲ୍ୟାମ୍ପ୍‌ସରେ ପଡିବ ତାଲା

## ଉପନିବନ୍ଧକ କାର୍ଯ୍ୟାଳୟ ଘେରାଉ

**ଜୟପୁର, ୧।୯ (ନି.ପ୍ର.)**

ଅବିଭକ୍ତ କୋରାପୁଟ ଜିଲା ଜୟପୁରସ୍ଥିତ ଲ୍ୟାମ୍ପ୍‌ସ ସମବାୟ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏନେଇ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ଦିଗାମ୍ବର ନାୟକ ନେତୃତ୍ୱ ନେଇଥିଲେ। ସଂଘ ଅଭିଯୋଗ କରିଛି ଯେ, ଅବିଭକ୍ତ କୋରାପୁଟ ଜିଲାରେ ୫୫ଟି ଲ୍ୟାମ୍ପସର ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀମାନେ ଦେଢବର୍ଷ ହେବ ମହାମାରୀ କରୋନା ସମୟରେ ଓଡ଼ିଶାର ୭୦ ଭାଗ ଚାଷୀଙ୍କୁ ଖରିଫ ଓ ରବି ଋତୁରେ ଋଣ ପ୍ରଦାନ କରିବା, ସୁଲଭ ମୂଲ୍ୟରେ ସାର, ବିହନ ଆଦି ଯୋଗାଇବା, ଧାନ, ଏସଏଚଜି, ଜେଏଲଜିଙ୍କୁ ବିନା ସୁଧରେ ଋଣ ଯୋଗାଇ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଛନ୍ତି। ଏବେ କର୍ମଚାରୀଙ୍କ ୭ ଦଫା ସମ୍ବଳିତ ଦାବିପତ୍ର ସଂଘ ପ୍ରଦାନ କରିଛି। ସମସ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ୭ମ କମିଶନ ବେତନ ଲାଗୁ ନ ହେବା ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଷଷ୍ଠ ବେତନ କମିଶନ ହାରରେ ଦରମା ଦେବା, ସମସ୍ତ କର୍ମଚାରୀଙ୍କ ପାଇଁ ଇପିଏଫ ପ୍ରଚଳନ, ସମସ୍ତ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ୧୦ ଲକ୍ଷ ଟଙ୍କାର ଜୀବନ ବୀମା ପ୍ରଦାନ କରିବା, ସମାନ କାମକୁ ସମାନ ଦରମା ଦେବା, ମୃତ କର୍ମଚାରୀଙ୍କ ପରିବାରରୁ ଜଣକୁ ଚାକିରି ଦେବା ଆଦି ଦାବି ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ଏହାର ନକଲ କୋରାପୁଟ ଜିଲାପାଳ, ଉପଶ୍ରମ କମିଶନର ଜୟପୁର, ନିବନ୍ଧକ ସମବାୟ ବିଭାଗ ଭୁବନେଶ୍ୱରକୁ ପ୍ରଦାନ କରାଯାଇଛି । ୧୫ ଦିନ ଭିତରେ ଦାବିପୂରଣ ନ ହେଲେ ବିଧାୟକ ପ୍ରୀତମ ପାଢୀଙ୍କ ନେତୃତ୍ୱରେ ନିବନ୍ଧକଙ୍କୁ ଭୁବନେଶ୍ୱରରେ ଭେଟିବୁ। ଏହା ସତ୍ତ୍ୱେ ଦାବି ପୂରଣ ନ କଲେ ସବୁ ଲ୍ୟାମ୍ପରେ ତାଲା ପଡିବ ବୋଲି ସଂଘ ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲାରୁ ଅଭିମନ୍ୟୁ ନାୟକ, ପଡିଆ ଲ୍ୟାମ୍ପ ଏମଡି ଏମ.ଆର. ରାଜୁ, ରିତେଶ ମିଶ୍ର, କିରଣ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଚିତ୍ରକୋଣ୍ଡାରେ ଜାତୀୟ ପୋଷଣ ସପ୍ତାହ ଆରମ୍ଭ

**ଚିତ୍ରକୋଣ୍ଡା,୧।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଶିଶୁ ଓ ମହିଳା କଲ୍ୟାଣ ସମିତି ଆନୁକୂଲ୍ୟରେ ଆଇସିଡିଏସ୍ କାର୍ଯ୍ୟାଳୟ ପରିସରରେ ଜାତୀୟ ପୋଷଣ ସପ୍ତାହ ଆରମ୍ଭ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତହସିଲଦାର ଟି. ପଦ୍ମନାଭ ଦୋରା ଅଧକ୍ଷତା କରିଥିଲେ। ଏଥିରେ ସିଡିପିଓ ପବିତ୍ରା ହାଜରା, ଏସ୍‌ଆଇ କ୍ରିଷ୍ଟ ସେବକ ବାଘ, ମିଶନ ଶକ୍ତି ବ୍ଲକ ସଂଯୋଜକ ରବୀନ୍ଦ୍ର କୁମାର ଭୂୟାଁ, ବିଏଓ ପରମେଶ୍ୱର ଜେନା, ଭିଏଡବ୍ଲ୍ୟୁ ଶିଶିରକାନ୍ତ ସାହୁ, ଆଇସିଡିଏସ୍ ସୁପରଭାଇଜର ଚମ୍ପା ନାୟକ ଉପସ୍ଥିତ ଥିଲେ। ଓଡ଼ିଶା ମିଲେଟ ମିଶନ ଚାଷଜମି ଓ ଖାଦ୍ୟ ଥାଳିରେ ପୁଷ୍ଟି, ଶସ୍ୟର ପୁନଃ ପ୍ରଚଳନ କରାଯାଇଛି । ମାଣ୍ଡିଆର ବ୍ୟବହାର ଓ ଚାଷ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ କିଶୋରୀ ବାଳିକାମାନଙ୍କ ପାଇଁ ନିହାତି ଆବଶ୍ୟକ । ପୋଷଣ ସପ୍ତାହର ପ୍ରଥମ ଦିନରେ ସମିତି ପକ୍ଷରୁ ମାଣ୍ଡିଆ ତିଆରି ଖାଦ୍ୟ ପଦାର୍ଥର ଏକ ଷ୍ଟଲ ଖୋଲାଯାଇଥିଲା। ମାଣ୍ଡିଆରେ ତିଆରି ବରା, ପକୁଡ଼ି, ଇଡ୍‌ଲି, ଆଳୁଚପ, ଚକୁଳି ପିଠା, ଉପମା, ବାଇଗଣି, ଖିରି, ପୋଡ଼ପିଠା, କେକ୍ ଆଦି ଉପସ୍ଥିତ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ମାଣ୍ଡିଆ ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ବିପିସି ତପନ ରଥ, ଏବିପିସି ଦୀପକ ପାଙ୍ଗୀ ଓ ସିଇଓ ଲବକୁଶ ଖେମୁଡୁ ପରିଚାଳନା କରିଥିଲେ।

# ଜୟପୁର ପୌର ପରିଷଦ ସମ୍ମୁଖରେ ଗଣ ଧାରଣା


ଧାରଣାରେ ବସିଥିବା ଯୁବ ସଙ୍ଗଠନ କର୍ମକର୍ତ୍ତା।

**ଜୟପୁର, ୧।୯ (ନି.ପ୍ର.)**

ଜୟପୁର ପୌରିଷଦର ସସମ୍ୟା ନେଇ ଯୁବ ସଙ୍ଗଠନ କର୍ମକର୍ତ୍ତାମାନେ ବୁଧବାର ଧାରଣା ଦେଇଥିଲେ। ସଙ୍ଗଠନର ଆବାହକ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜୟପୁର ସହରର ଖରାପ ହୋଇ ପଡି ରହିଥିବା ସମସ୍ତ ରାସ୍ତା ଓ ଡ୍ରେନ ନିର୍ମାଣ କରିବା, ସହରର ସମସ୍ତ ବିଦ୍ୟୁତ୍ ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ଲଗାଇବା, ଯେଉଁ ଯନ୍ତ୍ରୀ ଓ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ନବ ନିର୍ମିତ ରାସ୍ତାଗୁଡିକ ଖରାପ ହୋଇଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା, ଆଇଏଲ୍‌ଏସ୍‌ଡିପି ଯୋଜନାରେ ଯେଉଁ ହିତାଧିକାରୀମାନେ ଘର ନିର୍ମାଣ କରି ୪/୫ ବର୍ଷ ହେଲା ବିଲ୍ ପାଇନାହାନ୍ତି ତୁରନ୍ତ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଯୋଜନାରେ ସାମିଲ କରିବା ଦାବିନେଇ ଯୁବ ସଙ୍ଗଠନ କର୍ମକର୍ତ୍ତାମାନେ ଏପରି ଧାରଣା ଦେଇଛନ୍ତି। ଏହି ଅବସରରେ ପୌର କାର୍ଯ୍ୟାଳୟରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ଦାବି ପୂରଣ ନେଇ ଧାରଣାରେ ବସିଲେ ସିକ୍ୟୁରିଟି ଗାର୍ଡ


ଧାରଣାରେ ବସିଥିବା ସିକ୍ୟୁରିଟି ଗାର୍ଡମାନେ।

**ଚିତ୍ରକୋଣ୍ଡା,୧।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ବାଲିମେଳା ଡ୍ୟାମ୍ ପ୍ରକଳ୍ପ ଦ୍ୱାରା ପରିଚାଳିତ ଚିତ୍ରକୋଣ୍ଡା କାର୍ଯ୍ୟାଳୟଠାରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟରତ ୨୯ ଜଣ ସିକ୍ୟୁରିଟି ଗାର୍ଡ ସେମାନଙ୍କ ବିଭିନ୍ନ ସମାଧାନ ନେଇ ଧାରଣାରେ ବସିଛନ୍ତି। ସମସ୍ୟା ସମ୍ପର୍କରେ ସେମାନେ ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆ ନ ଯିବାରୁ ସେମାନେ ବୁଧବାର ଜଳଭଣ୍ଡାର ମୁଖ୍ୟ ଗେଟ୍ ଲଞ୍ଚ ଘାଟଠାରେ ଧାରଣାରେ ବସିଛନ୍ତି। ପୂର୍ବରୁ ଡ୍ୟାମ୍ ପ୍ରକଳ୍ପରେ ୩୧ଟି ସିକ୍ୟୁରିଟି ପଦବୀ ଥିଲା। ଚଳିତବର୍ଷ ଏଥିରୁ ୯ଟି ପଦବୀ କାଟି ୨୨ ଜଣ ସିକ୍ୟୁରିଟି ଗାର୍ଡ କାମ କରିବାକୁ ଅନୁମତି ମିଳିଛି। ଏହି ବାତିଲ ପଦବୀରେ ପୁନଃ ନିଯୁକ୍ତିଦେବା, ଛ ମାସର ବକେୟା ବେତନ ପ୍ରଦାନ କରିବା, ଅର୍ଦ୍ଧକୁଶଳୀ ହିସାବରେ ବେତନ ଦେବା, ବେତନ କାଟିବା ବନ୍ଦ କରିବା ଆଦି ଦାବି ରହିଛି। ସେମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସମସ୍ତେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବା ଲାଗି ତାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା।

### ବିବିଏନ୍ ପୂଜା କମିଟିର ପ୍ରସ୍ତୁତି ବୈଠକ

**ଗୁଣପୁର,୧।୯(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁରର ବିବିଏନ୍ ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗତ ତିନି ବର୍ଷ ଧରି ମା'ଙ୍କ ପୂଜା କରାଯାଉଛି। ଆଗାମୀ ୨ବର୍ଷ ପୁଣି ପୂଜା କରାଯିବ ବୋଲି ବୈଠକରେ ନିଷ୍ପତ୍ତିନିଆଯାଇଛି। କୋଭିଡ୍ କଟକଣା ଅନୁଯାୟୀ ପ୍ରଶାସନଠାରୁ ଅନୁମତି ମିଳିଲା ପରେ ମା'ଙ୍କ ପୂଜା କରାଯିବ ବୋଲି ସ୍ଥିର ହୋଇଛି। ବିଗତ ବର୍ଷରେ ମା'ଙ୍କ ପୂଜା ୫ ଦିନ କରାଯାଉଥିବାବେଳେ ଚଳିତ ବର୍ଷ ୭ଦିନ ପୂଜା ଅନୁଷ୍ଠିତ ହେବ। ଅକ୍ଟୋବର ୧୯ରୁ ମା'ଙ୍କ ପୂଜା ଅନୁଷ୍ଠିତ ହେବ।

# ଲମତାପୁଟ-ବିଶାଖାପାଟଣା ରାସ୍ତା ଉଭୟପାର୍ଶ୍ୱ ଉନ୍ନତିକରଣ ଦାବି


ଦାବିପତ୍ର ପ୍ରଦାନ ଅବସରରେ ବିକାଶ ମଞ୍ଚ କର୍ମମର୍ତ୍ତାମାନେ।

**କୋରାପୁଟ,୧।୯(ସ୍ୱ.ପ୍ର.)**

କୋରାପୁଟ ଜିଲାର ଲମତାପୁଟଠାରୁ ବିଶାଖାପାଟଣା ଯାଇଥିବା ରାସ୍ତାର ଦୁଇପାର୍ଶ୍ୱର ଉନ୍ନତୀକରଣ ଦାବି କରି ଲମତାପୁଟ ବିକାଶ ମଞ୍ଚ ଜିଲା ପ୍ରଶାସନକୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରିଛି । ଗତ ଦିନରେ ଲିଙ୍କନ କମ୍ପାନୀ ଦ୍ୱାରା ଲମତାପୁଟସ୍ଥିତ ଆଶା କିରଣ ଡାକ୍ତରଖାନାଠାରୁ ଲମତାପୁଟ ମୁଖ୍ୟରାସ୍ତା ଦେଇ ବିଚଳକୋଟା ଜଙ୍କସନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କରାଯାଇଥିଲା । ସେହି ସମୟରେ ଲମତାପୁଟ ବ୍ଲକ ବାସୀ ପକ୍ଷରୁ ଲମତାପୁଟ- ବିଶାଖାପାଟଣା ସଂଯୋଜ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ଓ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ୨ବର୍ଷ ବିତିଯାଇଥିଲେ ସୁଦ୍ଧା ଲମତାପୁଟ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱର ଉନ୍ନତୀକରଣ ହୋଇପାରିନାହିଁ । ଏହାର ଉନ୍ନତି ହେଲେ ବ୍ଲକର ୧୫ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ସମୟରେ ମଞ୍ଚର ରଘୁରାମ ମାଛ, ସୁରଜ ଗତନ, ଏସକେ ଦାର୍ଲି, ଲବ ପାଙ୍ଗି, ରାଜେନ୍ଦ୍ର ଖଣ୍ଡପାଣି, ବାବୁଲା ଖିଲ, ଏମ. କିରଣ କୁମାର ମାସନ ରଞ୍ଜନ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାଣ୍ଡିଆଚାଷ, କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ

**ଜୟପୁର,୧।୯(ନି.ପ୍ର.)**

ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ସୁନାବେଡ଼ାସ୍ଥିତ ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ଅନୁସନ୍ଧାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଡିବିଟି- କିଷାନ ପ୍ରକଳ୍ପ ପକ୍ଷରୁ ୨ ଦିନିଆ ମାଣ୍ଡିଆଚାଷ ଏବଂ ପ୍ରକ୍ରିୟାକରଣ କେନ୍ଦ୍ର କ୍ଷେତ୍ର ପରିଦର୍ଶନ ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା, ମାଲକାନଗିରି ଜିଲାର ୩୫ ଜଣ ଅଗ୍ରଣୀ ଚାଷୀଙ୍କ ସହ ୫ ଜଣ ଯୁବ କର୍ମଜୀବୀ ଭାଗନେଇଥିଲେ । ପ୍ରଥମ ଦିନରେ ଫାଉଣ୍ଡେଶନଠାରେ ମାଣ୍ଡିଆଚାଷ, ରୋଗ ପୋକ ପରିଚାଳନା, ଜୈବିକ ଖତ ପ୍ରସ୍ତୁତ, କୃଷି ବନୀକରଣ, ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିବସରେ ଅଂଶଗ୍ରହଣକାରୀମାନେ କୋରାପୁଟ ଜିଲାର ମାଛରା ଗ୍ରାମକୁ ଯାଇ ମାଣ୍ଡିଆଚାଷର କ୍ଷେତ୍ର ପ୍ରଦର୍ଶନ କରିବା ସହିତ ମାଣ୍ଡିଆର ପ୍ରକ୍ରିୟାକରଣ ଦେଖିବା ସହ ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ତାଲିମ ନେଇଥିଲେ। ଡ. ଦ୍ରବୁ ଚରଣ ସାହୁ, ମୁଖ୍ୟ ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ଅନୁସନ୍ଧାନ କେନ୍ଦ୍ରର ଡ. ରାଜେଶ ଚାଷୀଙ୍କୁ ତାଲିମ ଦେଇଥିଲେ। ସଂଯୋଜକ ପ୍ରଶାନ୍ତ ପରିଡ଼ା ପ୍ରକଳ୍ପ ବିଷୟରେ ଜୈବିକ ପ୍ରଣାଳୀରେ ଚାଷକରି ଓ ଉତ୍ପାଦିତ ଶସ୍ୟରୁ ମୂଲ୍ୟଯୁକ୍ତ ଖାଦ୍ୟ ତିଆର କରି ରୋଜଗାର ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ତ୍ତିକ ଚରଣ ଲେଙ୍କା ପରିଚାଳନା କରିଥିଲେ।

# ମରଣଯନ୍ତା ପାଲଟିଛି କୁନ୍ଦୁରା-ଜୟପୁର ରାସ୍ତା

**କୁନ୍ଦୁରା,୧।୯ (ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ-ଜୟପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ପରିଣତ ହୋଇଛି। ଫଳରେ ଯାତାୟାତରେ ଲୋକେ ପ୍ରତ୍ୟହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁନ୍ଦୁରା ବ୍ଲକ ଜନସାଧାରଣ କୋରାପୁଟ ଜିଲାର ପ୍ରମୁଖ ବ୍ୟବସାୟିକ ସହର ଜୟପୁର ଉପରେ ନିର୍ଭରକରି ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ବିଭିନ୍ନ ସ୍ଥାନରେ ବୁଲାଣିରେ ରାସ୍ତା ପାର୍ଶ୍ୱରେ ଛୋଟ ବଡ ଗଛ, ବୁଦା ରହିଛି। ଏହାକୁ ବିଭାଗ କାଟି ସଫା କରୁନାହିଁ। ଫଳରେ ଏହାକୁ ଚାଳକ ପୂର୍ବରୁ ଦେଖିବା ସମ୍ଭବ ହେଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। କେତେକ ସ୍ଥାନରେ ନୂତନ କଲଭର୍ଟ ଏବଂ ଛୋଟ ଛୋଟ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା କଲଭର୍ଟ ଏବଂ ବ୍ରିଜ୍‌ଗୁଡିକୁ ରାସ୍ତା ସଂଯୋଗ ହୋଇ ନ ଥିବା ହେତୁ ଦୁର୍ଘଟଣା ଘଟୁଛି। କୁନ୍ଦୁରା ପ୍ରଧାନିପୁଟ,ଡଙ୍ଗରପାଉଁଶି, ଘାଟବାଗ୍ରା, ଫାମ୍ପୁଣି, ଅନ୍ତା ଅଞ୍ଚଳରେ ଏକାଧିକ ହମ୍ପ ମଧ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏନେଇ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀଙ୍କୁ ଅବଗତ କରାଇଥିଲେ ମଧ କିଛି ସୁଫଳ ମିଳିନାହିଁ। କୁନ୍ଦୁରା ବ୍ଲକ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜୟପୁରରେ ରହୁଥିବା ବେଳେ ସେ ମଧ ଉକ୍ତ ରାସ୍ତା ମରାମତି ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। କୁନ୍ଦୁରା ଏବଂ ଜୟପୁର ମଧ୍ୟରେ ରହିଥିବା କୋଲାବ ସେତୁର ଅବସ୍ଥା ମଧ ଖରାପ ହୋଇପଡିଛି। ଅଳ୍ପ ବର୍ଷା ହେଲେ ବ୍ରିଜ୍ ଉପରେ ପାଣି ଜମି ରହି ଯାତ୍ରୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଏନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ଷା ପରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯିବ।


ମରଣଯନ୍ତା ପାଲଟିଥିବା କୁନ୍ଦୁରା-ଜୟପୁର ରାସ୍ତା।

## ସଂକ୍ଷେପରେ

### ମରଣଯନ୍ତା ପାଲଟିଛି ହରିଦାସପୁର ମୁଖ୍ୟରାସ୍ତା



ଟିକିରି,୧୯(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପାଞ୍ଚାୟତ ହରିଦାସପୁର ମୁଖ୍ୟରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହୋଇଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ କଲଭର୍ଟ ତଳ ପାର୍ଶ୍ୱରେ ମାଟିଖସି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏଠାରେ ଦୁର୍ଘଟଣାର ଆଶଙ୍କା ଦେଖାଦେଇଛି। ରାସ୍ତା ଉପରେ ୧୦ରୁ୧୫ ଗାଁର ଗ୍ରାମବାସୀ ନିର୍ଭରଶୀଳ। ତେଣୁ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ କଲଭର୍ଟର ମରାମତି ନିମନ୍ତେ ଦାବି ହୋଇଛି।

### ମୁନିସିଂରେ ଟିକା ପ୍ରଦାନ ନିର୍ଦ୍ଦେଶ ଦେଲେ ସିଡିଏମ୍ଓ

**ଧରିତ୍ରୀ ପ୍ରଭାବ**

କୋଲନରା,୧୯: ରାୟଗଡ଼ା ଜିଲା କୋଲନରା ବ୍ଲକର ମୁନିସିଂଠାରେ ଅଗଷ୍ଟ ୨୬ରେ ଟିକା ପ୍ରଦାନ ନେଇ ଘୋଷଣା ହୋଇଥିଲା। ହେଲେ ଲୋକଙ୍କୁ ଟିକା ମିଳି ନ ଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ମୁନିସିଂ ଅଞ୍ଚଳରେ ଟିକାକେନ୍ଦ୍ର ଖୋଲିବାକୁ ଦାବି ହୋଇଥିଲା। ଏ ନେଇ ଅଗଷ୍ଟ ୩୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ବୁଧବାର ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ କୋଲନରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୁନିସିଂରେ କିପରି ଟିକା ଦିଆଯିବ ତାହାର ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗାଁ ଏଏନ୍ଏମ୍ ସେଣ୍ଟର କିପରି ଠିକ୍‌ଭାବେ ଚାଲିବ ସେ ନେଇ ଆଲୋଚନା କରିଥିଲେ। ସିଡିଏମ୍ଓଙ୍କ ଗସ୍ତବେଳେ ଭାରପ୍ରାପ୍ତ ଅଧିକାରୀ ଡା. ଜି. ଶୈଳଜାଙ୍କ ସମେତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

### ୫ ଦଫା ଦାବି ନେଇ ଗାଁ ସାଥୀ ଦେଲେ ଧାରଣା



ମାଲକାନଗିରି ୧୯(ଡି.ଏନ.ଏ.): ମାଲକାନଗିରି ଜିଲାର ପ୍ରତ୍ୟେକ ଗାଁ ସାଥୀଙ୍କୁ ୨୦ ହଜାରରୁ ଉର୍ଦ୍ଧ ଟଙ୍କା କୋଭିଡ ସହାୟତା ପ୍ରଦାନ ସହ ୫ ଦଫା ଦାବି ନେଇ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ମାଲକାନଗିରି ଜିଲା ଶାଖା କର୍ମକର୍ତ୍ତା ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ। କମିଟି ସଭାପତି ହାରି ନାୟକ ନେତୃତ୍ୱ ନେଇଥିଲେ। ମାସକୁ ସର୍ବନିମ୍ନ ୧୦ ଦିନ କାର୍ଯ୍ୟ ନେଇ ସୁନିଶ୍ଚିତ କରିବା, ଉଚିତ ପ୍ରାପ୍ୟ ପ୍ରଦାନ, ଏମଜିଏନଆରଇଜିଏସ୍ କାମରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମଧ୍ୟ ୧୦୦ ଦିନ ବଦଳରେ ୨୦୦ ଦିନ କାର୍ଯ୍ୟ ପ୍ରଦାନ, ଶ୍ରମିକମାନଙ୍କୁ ୨୧୫ ଟଙ୍କା ବଦଳରେ ୩୦୦ ଟଙ୍କା ପ୍ରଦାନ ଆଦି ଦାବି ରହିଛି।

### ଜିଲାରେ କାୟା ବିସ୍ତାର କରୁଛି ଡେଙ୍ଗୁ

ମାଲକାନଗିରି,୧୯(ଡିଏନଏ): କୋଭିଡର ଦ୍ୱିତୀୟ ଲହର ପ୍ରଭାବ କମି ଆସୁଥିବା ବେଳେ ମାଲକାନଗିରି ଜିଲାରେ ଡେଙ୍ଗୁ କାୟା ବିସ୍ତାର କରୁଛି। ଜିଲାରେ ଖୁବ୍ କମ୍ ସମୟ ମଧ୍ୟରେ ୪୬ ଜଣ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଏହି ସଂଖ୍ୟା ଆଗାମୀ ଦିନରେ ଅଧିକ ହେବାର ସମ୍ଭାବନା ରହିଛି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗରେ ମଧ୍ୟ ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। ଜିଲାର ଚିତ୍ରକୋଣ୍ଡା ଓ ମାଲକାନଗିରି ଭଳି ବିଭିନ୍ନ ବ୍ଲକରେ ଏହି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ଅନେକ ରୋଗୀ ମାଲକାନଗିରି, ବାହାର ରାଜ୍ୟର ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି।

# ଜିଲାକୁ ପହଞ୍ଚିପାରନି ୧୯ହଜାର ମେଟ୍ରିକ୍ ଟନ୍ ୟୁରିଆ

- ଚାଷୀଙ୍କ ଦୁଃଖ ଶୁଣି ଚୁପ୍ ବସିଛନ୍ତି ସରକାର, ପ୍ରଶାସନ
- ସାର ପାଇଁ କରାଯାଉଛି ରାସ୍ତାରୋକୋ, ବିକ୍ଷୋଭ

ନବରଙ୍ଗପୁର,୧୯(ବି.ପ୍ର.)

ୟୁରିଆ ସାର ଅଭାବ ନେଇ ବିଭିନ୍ନସ୍ତରରୁ ଦାବି, ରାସ୍ତାରୋକୋ ହୋଇ ଆସୁଛି। କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ଚିଠି କରିବା ସହ ଏକ କମିଟି ବିଭାଗୀୟ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରି ସାରିଛନ୍ତି। ତଥାପି ୟୁରିଆ ଯୋଗାଣ ହୋଇ ପାରୁ ନାହିଁ। ଯେଉଁଠି ସରକାର ଓ ପ୍ରଶାସନ ଉପରକୁ ହାତ ଟେକି ଦେଉଛନ୍ତି ସେହି ସ୍ଥାନରେ ଚାଷୀଙ୍କ ଦୁଃଖ ବୁଝିବ କିଏ ? ଏହିଭଳି ପରିସ୍ଥିତି ଦେଖା ଦେଇଛି ନବରଙ୍ଗପୁର ଜିଲାରେ। ନବରଙ୍ଗପୁର ଜିଲାରେ ୟୁରିଆ ସାରର ଅଭାବ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି।

ଚାଷୀ ସାର ପାଇଁ ବହୁ ସମସ୍ୟା ଭୋଗୁଛନ୍ତି। ବସ୍ତାଏ ସାର ପାଇଁ ଦିନ ତମାମ କସରତ କରିବାକୁ ପଡୁଛି। କେଉଁଠି ୟୁରିଆ ଟିକିଏ ମିଳି ଯିବକି ସେହି ପ୍ରୟାସରେ ଚାଷୀ ରହିଛନ୍ତି। ନବରଙ୍ଗପୁର ଜିଲାକୁ ଚଳିତ ବର୍ଷ ୪୫ ହଜାର ମେଟ୍ରିକ୍ ଟନ ସାର ଆବଶ୍ୟକ ରହିଥିବାବେଳେ ଏଯାଏ ୨୫ ହଜାର ମେଟ୍ରିକ୍ ଟନ ୟୁରିଆ ଯୋଗାଣ ହୋଇ ପାରିଛି। ଆହୁରି ୧୯ ହଜାର ମେଟ୍ରିକ୍ ଟନ୍ ସାର ଜିଲାକୁ ଦରକାର। ଜିଲାରେ ଧାନ ଓ ମକା ଚାଷ ପାଇଁ ଏହି ସମୟରେ ୟୁରିଆର ଅଧିକ ଆବଶ୍ୟକତା ରହିଛି। ଏମ୍ଓପି ସାର ୫ହଜାର ୯୭୬ ମେଟ୍ରିକ୍ ଟନ ପରିବର୍ତ୍ତେ ୬ ହଜାର ୮୮୭.୨ ମେଟ୍ରିକ୍ ଟନ୍ ଜିଲାକୁ ଆସିଛି। ସେହିଭଳି ଡିଏପି ୧୫ ହଜାର ମେଟ୍ରିକ୍ ଟନ ଆବଶ୍ୟକ ଥିବାବେଳେ ଏଯାଏ ଜିଲାକୁ ୧୨ହଜାର ୩୩୦ ମେଟ୍ରିକ୍ ଟନ୍ ସାର ପହଞ୍ଚି ପାରିଛି ବୋଲି ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତେବେ ସାର ଅଭାବ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଚିଠି ହୋଇସାରିଛି। ଏମ୍ପି ରମେଶ ଚନ୍ଦ୍ର ମାଝି ମଧ୍ୟ କେନ୍ଦ୍ର ରସାୟନ ସାର ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ଦାବି ଜଣାଇ ଥିଲେ। ୨୪ ତାରିଖ ଦିନ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଏମ୍ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଅଜିତ କୁମାର ମିଶ୍ରଙ୍କ ଉପସ୍ଥିତିରେ କୃଷି ବିଭାଗ ସହ ୟୁରିଆ ଅଭାବ ନେଇ ଆଲୋଚନା ହୋଇଥିଲା। ତେବେ ନିୟମିତ ବ୍ୟବଧାନରେ ଜିଲାବାସୀ ଦାବିପତ୍ର ପ୍ରଦାନ କରିବା ସହ ରାସ୍ତାରୋକୋ, ଲ୍ୟାମ୍ପସ ମାନଙ୍କରେ ଘେରାଉ କରିବା ଭଳି ପରିସ୍ଥିତି ଦେଖା ଦେଉଛି। ସରକାର ଏହି ସମୟରେ ୟୁରିଆ ଯୋଗାଣ ଉପରେ ଗୁରୁତ୍ୱ ନ ଦିଅନ୍ତି ତେବେ ଚାଷୀ ଏହାର ପ୍ରଭାବ ନିର୍ବାଚନ ସମୟରେ ଦେଖାଇବେ ତହା ଦ୍ୱିମତ ନାହିଁ।




ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ଗାଁସାଥୀମାନେ।

## ଜିଲା ଗାଁ ସାଥୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ,୧୯(ସ୍ୱ.ପ୍ର)

କୋରାପୁଟ ଜିଲା ଗାଁ ସାଥୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ୧୩ ବର୍ଷ ହେଲା ଗାଁ ସାଥୀମାନେ ସ୍ଥାୟୀ ନିଯୁକ୍ତି ପାଇଁ ଅପେକ୍ଷା କରିଥିଲେ ସୁଦ୍ଧା ସରକାର ସେମାନଙ୍କୁ ଅଣଦେଖା କରୁଥିବା ଜିଲା ସଂଯୋଜକ ଶରତ ଗୁଣ୍ଡା ଅଭିଯୋଗ କରିଛନ୍ତି। ସଂଘ ହାଇକୋର୍ଟର ଆଶ୍ରୟ ନେଇଥିଲା। ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗାଁ ସାଥୀମାନଙ୍କୁ ସ୍ଥାୟୀ ଚାକିରି ଓ ପ୍ରଶିକ୍ଷଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସରକାରଙ୍କ ସେମାନଙ୍କୁ ଅଣଦେଖା କରି ଚାଲିଛନ୍ତି। ସରକାର ଯଦି ଗାଁ ସାଥୀସଂଘର ଦାବିକୁ ପୂରଣ ନ କରନ୍ତି ତେବେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସେମାନେ ଉଚିତ ଜବାବ ଦେବେ ବୋଲି ଗୁଣ୍ଡା କହିଛନ୍ତି। ଗତ ୨୦୧୯ ନିର୍ବାଚନ ସମୟରେ ବିଜେଡିର ପ୍ରଣବ ପ୍ରକାଶ ଦାସ କୋରାପୁଟ ଆସି ଗାଁ ସାଥୀମାନଙ୍କ ସହ ଆଲୋଚନା କରିଥିଲେ । ନିର୍ବାଚନରେ ସହଯୋଗ କରନ୍ତୁ ସରକାର ଆସିବାର ୩ ମାସ ମଧ୍ୟରେ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ଏଯାଏ କାର୍ଯ୍ୟକାରୀ ହୋଇନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଧମକ

ରାୟଗଡ଼ା ଅଫିସ,୧୯

ଗୁଣିଗାରେଡି ସନ୍ଦେହରେ ମାଡ଼ ଓ ହତ୍ୟା ଉଦ୍ୟମ ସହ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ଚାନ୍ଦିଲି ଥାନା ତଥା ରାୟଗଡ଼ା ବ୍ଲକ ପେଷ୍ଟା ପଞ୍ଚାୟତ ଅଧୀନ ଜିଞ୍ଜିଲିବାଡ଼ି ଗ୍ରାମର ହିମିରିକା ମୂର୍ତ୍ତି(୬୫) ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ପରିବାରର ସୁରକ୍ଷା ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଜୁଲାଇ ୧୬ରେ ଗାଁର ସାଙ୍ଗନା ହିମିରିକାଙ୍କ ପୁଅ ହିମିରିକା କାମିଆ(୩୫)ଙ୍କ ଗାଁ ବାହାରେ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ଆଣି ଗାଁରେ ସତ୍କାର କରିଥିଲେ। କିନ୍ତୁ ମୃତକଙ୍କ ପରିବାର ଲୋକେ ହିମିରିକା କାମିଆଙ୍କ ମୃତ୍ୟୁ ପାଇଁ ହିମିରିକା ମୂର୍ତ୍ତିଙ୍କ ପରିବାରକୁ ଦାୟୀ କରିଛନ୍ତି।

ଗୁଣିଗାରେଡି କରି ପଅକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଆରୋପ ଲଗାଇଛନ୍ତି। ଏହାକୁ ନେଇ ଜୁଲାଇ ୧୭ ରାତିରେ ମୃତକଙ୍କ ପରିବାରର ହିମିରିକା ୱେଙ୍କଟି, ହିମିରିକା ଲାଲା, ହିମିରିକା ସାତିଆ ସଂଘବଦ୍ଧଭାବେ ହିମିରିକା ମୂର୍ତ୍ତିଙ୍କ ପରିବାର ଲୋକଙ୍କୁ ହତ୍ୟା କରି ପ୍ରତିଶୋଧ ନେବେ ବୋଲି ଧମକ ଦେଇଥଲେ। ଏହାପରେ ଗ୍ରାମରେ ଏକ ବୈଠକ ବସିଥିଲା। ପରେ ଚାନ୍ଦିଲି ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ହେଲେ ଏଥିରୁ କୌଣସି ସୁଫଳ ମିଳି ନ ଥିଲା। ଏମିତିକି ଗ୍ରାମବାସୀ ମୂର୍ତ୍ତିଙ୍କ ପରିବାର ସହ କଥାବାର୍ତ୍ତା ବନ୍ଦ କରବା ସହ ଗାଁରୁ ବାସନ୍ଦ କରିଥିବା ମୂର୍ତ୍ତି ଜଣାଇଛନ୍ତି।



ହିମିରିକା ମୂର୍ତ୍ତି ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ ଜଣାଉଛନ୍ତି।

- ପରିବାରର ସୁରକ୍ଷା ଦାବିରେ ଜିଲାପାଳଙ୍କୁ ଦାବିପତ୍ର
- ଗାଁ ଛାଡ଼ି ଚାଲିଯିବାକୁ ଧମକ

ଅଗଷ୍ଟ ୨୬ରେ ହିମିରିକା ମୂର୍ତ୍ତିଙ୍କୁ ସାହି ମଝିକୁ ନେଇ ମାଡ ମାରିଥିଲେ। ତାଙ୍କ ଦୁଇ ପୁଅଙ୍କୁ ମଧ୍ୟ ନଳକୂପରେ ବାନ୍ଧି ପିଟିଥିଲେ। ଗାଁ ଛାଡ଼ି ନ ଗଲେ ପରିବାରର ସମସ୍ତଙ୍କୁ ଜାଳିଦେବୁ ବୋଲି ଧମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ମୂର୍ତ୍ତି ପ୍ରକାଶ କରିଛନ୍ତି।

## ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇଲେ ଲାଇସେନ୍ସ ରଦ୍ଦ

ମାଲକାନଗିରି ୧୯(ଡି.ଏନ.ଏ.)

ମାଲକାନଗିରି ଜିଲାର ଅମାନିଆ ଗାଡ଼ିଚାଳକଙ୍କଠାରୁ ଏଣିକି ଆଦାୟ ହେବ ଜରିମାନା। ଆଞ୍ଚଳିକ ପରିବହନ ଅଧିକାରୀ ଓ ପୋଲିସକୁ ମଙ୍ଗଳବାର ଏକ ଭିଡ଼ିଓ କନଫେରେନ୍ସ ବୈଠକରେ ନିର୍ଦ୍ଦେଶ ଆସିଛି। ଏଣିକି ଯେଉଁ ମୋଟର ସାଇକେଲ ଚାଳକମାନେ ବିନା ହେଲମେଟରେ ଗାଡ଼ି ଚଳାଉଥିବେ ସେମାନଙ୍କ ଲାଇସେନ୍ସକୁ ୩ମାସ ପାଇଁ ରଦ୍ଦ ହେବ। ଏଥିସହ ସମ୍ପୃକ୍ତ ଚାଳକ ୧ହଜାର ଟଙ୍କା ଜରିମାନା ଦେବେ। ବେପରୁଆ ଭାବେ ଦ୍ରୁତ ଗ୍ରତିରେ ଗାଡ଼ି ଚଳାଇବା, ଅଧିକ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ଓ ଗାଡ଼ି ଚଳାଇବା ବେଳେ ମାଦକ ଦ୍ରବ୍ୟ ସେବନ କରିଥିବା ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏପରି କ୍ଷେତ୍ରରେ ଜରିମାନାରୁ ବର୍ତ୍ତିବା ପାଇଁ ସମସ୍ତେ ଟ୍ରାଫିକ ନିୟମ ପାଳନ କରିବାକୁ ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ପରାମର୍ଶ ଦେଇଛନ୍ତି।

## କୋଟିଆ ପଞ୍ଚାୟତର ୩ ଗ୍ରାମରେ ଗ୍ରାମସଭା

କୋରାପୁଟ,୧୯(ସ୍ୱ.ପ୍ର.)

କୋରାପୁଟ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସଙ୍କ ନିର୍ଦ୍ଦେଶରେ କୋଟିଆ ପଞ୍ଚାୟତର ଫଗୁଣ ସିନେରି, ଫାଟୁ ସିନେରି ଓ ମାଡକାର ଗ୍ରାମରେ ବୃଷ୍ଟିପୁଷ୍ଟ ଅଞ୍ଚଳର ଉନ୍ନତି ଲାଗି ବୁଧବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଜୀବନଜୀବିକା ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା। ଆସନ୍ତା ୩ରୁ ସର୍ଭେ କରାଯାଇ ଲୋକଙ୍କଠାରୁ ଜୀବନଜୀବିକା ନେଇ ମତାମତ ସଂଗ୍ରହ କରାଯିବ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା । କୋରାପୁଟ ଜିଲା ଜଳବିଭାଜିକା ସହାୟକ ପ୍ରକଳ୍ପ ନିର୍ଦ୍ଦେଶକ ତଥା ପଟ୍ଟାଙ୍ଗୀ ପିଆଇଏ ଅଶୋକ କୁମାର ସେନାପତିଙ୍କ ତତ୍ତ୍ୱାବଧାନରେ ପଟ୍ଟାଙ୍ଗି ଏସ୍ଇଓ ବି. ପାର୍ଥ ସାରଥୀ,ପିଏ ମଞ୍ଜୁଲତା ପଟ୍ଟନାୟକ, ଡିଇଓ ଶୁଭମ ପାତ୍ର ଓ ସମାଜିକ କର୍ମୀ ରଞ୍ଜିତ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରି, କାଳିମେଳାରେ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ବଣ୍ଟନ



ଜଣେ ହିତାଧିକାରୀଙ୍କୁ ଅତିଥିମାନେ ସ୍ମାର୍ଟ କାର୍ଡ ଦେଉଛନ୍ତି।

ମାଲକାନଗିରି,୧୯(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶୁଭାରମ୍ଭ ପରେ ବିଭିନ୍ନ ସ୍ଥାନରେ ହିତାଧିକାରୀଙ୍କୁ ଏହି ଯୋଜନାର ସ୍ମାର୍ଟକାର୍ଡ ପ୍ରଦାନ କରାଯାଇଛି। ମାଲକାନଗିରି ବ୍ଲକର ସିନ୍ଧ୍ରିମାଳ ପଞ୍ଚାୟତ ପଞ୍ଚାୟତ କାର୍ଯ୍ୟାଳୟ,ବନ୍ଧଗୁଡା,ଏମଭି- ୧୧୧ ଓ ମନୁସକୋଣ୍ଡା ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ବରିଷ୍ଠ ନେତା ଡାନିଆଲ ପୋଟଲା, ବ୍ଲକ ସଭାପତି ବିଭାନଂଶୁ ସାମଲ, ମିଡ଼ିଆ ସଂଯୋଜକ ସଦାନନ୍ଦ ଖରା, ସରପଞ୍ଚ ସମାରି ମାଡକାମୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାନ୍ତି, ଜିଆରଏସ ପୂର୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଲକାନଗିରି ସଦର ବ୍ଲକ ଏମ୍ଭି-୪୨ ଗ୍ରାମରେ ମଙ୍ଗଳବାର ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ଜିଲା ଯୁବ ବିଜୁ ଜନତା ଦଳ ସଭାପତି ଆଡମା ରାବା, ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଏହି ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ କାଳିମେଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକ ବିଜେଡି କର୍ମକର୍ତ୍ତାଙ୍କ ସହଯୋଗରେ ୧୬୦୦ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ପ୍ରଦାନ କରାଯାଇଛି। ଏଥିସହ ଏମ୍ଭି-୪, ଲୁଗେଲ, ଏମ୍ପିଭି-୮୨, ଏମ୍ପିଭି-୮୩, ଏମ୍ଭି-୯୦, ଉଣ୍ଡୁରୁକଣ୍ଡା, ଏମ୍ପିଭି-୩୧ ଓ ଏମ୍ପିଭି-୨୩ ଅଞ୍ଚଳରେ ମଧ୍ୟ ଏହି କାର୍ଡ ବଣ୍ଟନ କରାଯାଇଥିଲା କାର୍ଯ୍ୟକ୍ରମରେ ଇ. ଭେଙ୍କଟ ରାଓ, ଶରତ ବିଶ୍ୱାଳ, ଶିବ ତ୍ରିପାଠୀ, ଜଗନ୍ନାଥ ମାଝି, ଲମ୍ବୋଦର ଡୁରୁକ, ସି.ଏଚ୍. ରାବିଟ, ମେଷାକ ମାଦ୍ରି, କେ. ଚନ୍ଦ୍ରାୟା, ଏସ୍.କେ. କାଦର, ଅନୁପ ମିସ୍ତ୍ରି, ଅରୁଣ ନାଥ, ପ୍ରମୋଦ ପଟ୍ଟନାୟକ, ଦିଲୀପ ବିଶ୍ୱାସ, ମନୋଜ ପଟ୍ଟନାୟକ, ପ୍ରଫୁଲ୍ଲ ହରିଜନ, ବିପ୍ଳବ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ୧୦ ହଜାର ଠକେଇ

**ଥାନାରେ ଅଭିଯୋଗ ଦେଲେ ଏସ୍ଏଚ୍‌ଜି ମହିଳା**

ମୁନିଗୁଡ଼ା,୧୯(ଡି.ଏନ୍.ଏ.)

ଫୋନ୍‌ରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀ ପରିଚୟ ଦେଇ ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଇନ୍ଦିରାପଡ଼ାସ୍ଥିତ ମାଁ ତୁଳସୀ ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କ ଠାରୁ ଜଣେ ବ୍ୟକ୍ତି ୧୦ ହଜାର ୨୦୦ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନ ୪ଟାରେ ଜଣେ ବ୍ୟକ୍ତି ମହିଳା ଗୋଷ୍ଠୀର ସଭାନେତ୍ରୀ ବିଜୟଲକ୍ଷ୍ମୀ ପାଢ଼ୀଙ୍କୁ ଫୋନ୍ କରି ଗେଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କୁ ୬୦ ହଜାର ଟଙ୍କା ଲେଖାଏ ୬ ଲକ୍ଷ ଟଙ୍କା କୋଭିଡ୍ ସହାୟତା ଆସି ପହଞ୍ଚିଛି ବୋଲି କହିଥିଲେ। ଏଥିପାଇଁ ପ୍ରଥମେ ବୀମା ଅର୍ଥ ବାବଦକୁ ପ୍ରତ୍ୟେକ ସଦସ୍ୟାଙ୍କୁ ୧୦୨୦ଟଙ୍କା ଲେଖାଏ ୧୦ହଜାର ୨୦୦ଟଙ୍କା ଅନ୍‌ଲାଇନ୍‌ରେ ପୈଠ କଲେ ଆକାଉଣ୍ଟକୁ ୬ ଲକ୍ଷ ଟଙ୍କା ଯିବ ବୋଲି କହିଥିଲେ। ଏଥିରେ ବିଶ୍ୱାସ କରି ମହିଳାମାନେ ଟଙ୍କା ପୈଠ କରିଥିଲେ। ତେବେ ଟଙ୍କା ପାଇଲେ କି ବୋଲି ମହିଳାମାନେ ଫୋନ୍ କରି ପଚାରିବାରୁ ବ୍ୟକ୍ତି ଜଣକ ଟଙ୍କା ପାଇ ନ ଥିବା କହିବା ସହ ଆଉ ସହଯୋଗ କରି ନ ଥିଲେ ବୋଲି ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ବ୍ୟକ୍ତି ଜଣକ ୮୭୫୮୫୫୪୩୪୮ ନମ୍ବରରୁ ଫୋନ୍ କରିଥିବାବେଳେ ସେ ଗଣେଶ ମହାନ୍ତି ବୋଲି ନିଜ ପରିଚୟ ଦେଇଥିଲେ। ତେବେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଟ୍ରୁ କଲର୍‌ରେ ଯାଞ୍ଚବେଳେ ତାଙ୍କ ନାମ ସୁରେଶ ଖଟୁଆ ବୋଲି ସୂଚନା ମିଳୁଥିବା ଗୋଷ୍ଠୀର ମହିଳାମାନେ ଅଭିଯୋଗ କରିଛନ୍ତି। ବୁଧବାର ମହିଳାମାନେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଯାଇ ଅନୁସନ୍ଧାନ କରିବାରୁ ଗଣେଶ ମହାନ୍ତି ନାମକ ବ୍ୟକ୍ତି କେହି ନ ଥିବା ଜଣାପଡ଼ିଥିଲା। ପରେ ମହିଳାମାନେ ମୁନିଗୁଡ଼ା ଥାନାକୁ ଯାଇ ଘଟଣା ବିଷୟରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ଲୋକେ ଏଭଳି ଠକାମୀର ଶିକାର ନ ହୋଇ ସତର୍କ ରହିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ସ୍ୱଚ୍ଛତା ପକ୍ଷରେ ଶପଥପାଠ



ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶପଥ ନେଉଛନ୍ତି।

ମୁନିଗୁଡ଼ା,୧୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ ହୋଇଛି। ଏଥିରେ ସେପ୍ଟେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁନିଗୁଡ଼ା ଏବିଇଓ ଚିତ୍ତରଞ୍ଜନ ମିଶ୍ର କହିଛନ୍ତି। ବୁଧବାର ମୁନିଗଡ଼ା ଦୁବେ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବାରିକ, ଜିଟିଓ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ ବାଉରୀ, ଗୋବର୍ଦ୍ଧନ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାତ୍ର ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଖୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁନିଗୁଡ଼ା ଏବିଇଓ ଏବଂ ବିଆର୍‌ସିସି ସହଦେବ ଟୁଟୁଆନ ଯୋଗଦେଇ ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସଚ୍ଛତାର ଆବଶ୍ୟକତା, ଏବଂ କରୋନା ସମୟରେ ଏହାର ଗୁରୁତ୍ୱ ଆଲୋକପାତ କରିଥିଲେ। ଏହି ଅବସରରେ ପରିବେଶକୁ ସ୍ୱଚ୍ଛ ରଖିବାକୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶପଥ ନେଇଥିଲେ।

# କୋଷାଗୁମୁଡ଼ା-ବଡ଼ ଆମ୍ବଡ଼ା ରାସ୍ତା ବିପଜ୍ଜନକ

କୋଷାଗୁମୁଡ଼ା,୧୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବରଗାଁ ଠାରୁ ବଡ଼ ଆମ୍ବଡ଼ା ପର୍ଯ୍ୟନ୍ତ ରାସ୍ତା ବିପଜ୍ଜନକ ପାଲଟିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ପ୍ରତ୍ୟେକ ବର୍ଷ ନାମକୁ ମାତ୍ର ମରାମତି କାର୍ଯ୍ୟ ହେଉଛି। ଖାଲଖମାଗୁଡ଼ିକୁ ଠିକ୍‌ଭାବେ ମରାମତି କରାଯାଉ ନ ଥିବାରୁ ଅଳ୍ପଦିନ ମଧ୍ୟରେ ରାସ୍ତା ନଷ୍ଟ ହେଲାଣି।

ଏହି ରାସ୍ତା ଛତିଶଗଡ଼ ସୀମାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା। ବିଭିନ୍ନ ସାମଗ୍ରୀ କିଣାକିଣି ପାଇଁ ଲୋକେ ଜଗଦଲପୁର ସହର ଉପରେ ନିର୍ଭରଶୀଳ। ତେଣୁ ପ୍ରତ୍ୟେକ ଦିନ ଏହି ରାସ୍ତାଦେଇ ଶତାଧିକ ଯାନବାହନ ଯାତାୟାତ କରିଥାଏ। ରାସ୍ତା ମଝିରେ ଖାଲ ଖମା ଯୋଗୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବଡ ଅମଡ଼ା ମୁଖ୍ୟ ବଜାର ନିକଟରେ ପାଣି ଜମି ରହିବା ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ମେଗା ଜଳ ଯୋଗାଣ ପ୍ରକଳ୍ପରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ପାଇପ୍‌ଲାଇନ୍ ବିଛା ଚାଲିଛି। ରାସ୍ତା ମଝିରେ ମାଟିପକା କାମ ଚାଲିଛି। ଏହାଦ୍ୱାରା ରାସ୍ତା ଅଧିକ କାଦୁଅ ହୋଇଛି। ପାଇପ୍ ପୋତିବା ପରେ ରାସ୍ତା ସମତୁଳ ନ କରିବା ଯୋଗୁ ରାସ୍ତା ନଷ୍ଟ ହୋଇଛି। ଗ୍ରାମବାସୀ ବାରମ୍ବାର ରାସ୍ତା ନିର୍ମାଣ ନିମନ୍ତେ ଦାବି ଜଣାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଶୀଘ୍ର ରାସ୍ତା ମରାମତି ପାଇଁ ଦାବି ହୋଇଛି।



ଖାଲଖମା ଓ କାଦୁଅ ଭର୍ତ୍ତି ରାସ୍ତା।

